**OFFICE OF THE MUNICIPAL COUNCIL, BALASORE.**
BALASORE, (ODISHA), PIN-756003
Tel. No. 06782-251267(O)
e-mail-balasoremunicipality @ rediffmail.com

No. 10151/ **Dated the** 14/5/ **2025.**

TO

THE DISTRICT E-GOVERNANCE MANAGER,
BALASORE.

SUB: Uploading of Corrigendum ACN bearing No.10147/DT.14.5.2025 in the Govt Official **Website-http://balasore.odisha.gov.in** ----------Regarding.

Ref:- Previous ACN No.9995/Dt.07.05.2025

Madam/Sir,

With reference to the subject cited above, it is to say that the Corrigendum ACN bearing No.10147/Dt.14/5/25 regarding auction of Municipal Sairat may be uploaded in the Govt **Website-http://balasore.odisha.gov.in** under Ref. to previous ACN No.9995/Dt.07.05.2025 which shall be continued displaying from Dt.15.05.2025 to Dt.21.05.2025 till 01:00 PM

**This is for your kind information & necessary action at your end.**

Yours Faithfully,

14/5/25

Executive Officer,
Balasore Municipality.

# ବାଲେଶ୍ୱର ପୌରପରିଷଦ,ବାଲେଶ୍ୱର

Tel No-06782-251267(O)

E-Mail-balasoremunicipality@rediffmail.com


ସଂଖ୍ୟା: 10147/ ତା: 14/5/2025ରିଖ

## ଶୁଦ୍ଧି ପତ୍ରଟି

ଉକ୍ତ ବିଜ୍ଞାପନଟି ପୂର୍ବ ପ୍ରକାଶିତ ପତ୍ର ସଂଖ୍ୟା- ୯୯୯୫/ତା:- ୦୭.୦୫.୨୦୨୫ରିଖ ର ଶୁଦ୍ଧିକରଣ ଅଟେ।

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡ଼ିକ ପାର୍ଶ୍ୱରେ ବର୍ଣ୍ଣାଯାଇଥିବା ଆଗାମୀ ସମୟସୀମା (ନିମ୍ନରେ ପ୍ରଦତ୍ତ) ନିମନ୍ତେ ଉଦ୍ଦିଷ୍ଟ ସର୍ବୋଚ୍ଚ ଡାକ ଅନୁସାରେ ନିଲାମ ଦିଆଯିବ। ବିଜ୍ଞାପନ ଅନୁଯାଇ ଆବେଦନ ସମୟ ସୀମା ତା :୧୪.୦୫.୨୦୨୫ ରିଖକୁ ବର୍ଦ୍ଧିତ କରାଯାଇ ତା: ୨୧.୦୫.୨୦୨୫ ରିଖ ସମୟ ଅପରାହ୍ନ ୦୧: ୩୦ ଘଟିକା ପର୍ଯ୍ୟନ୍ତ ରଖାଯାଇ ଅଛି । ଏଥିନିମନ୍ତେ ଇଚ୍ଛୁକବ୍ୟକ୍ତି ଓ ପଞ୍ଜୀକୃତ ସ୍ୱୟଂ ସହାୟିକା ଗୋଷୀ ମହାସଂଘ (ALF) ବା ସଂସ୍ଥା ତା: ୨୧.୦୫.୨୦୨୫ ରିଖ ପର୍ଯ୍ୟନ୍ତ ପୌର ପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମକ୍ରୟ କରି ଅପରାହ୍ନ ୦୧: ୩୦ ଘଟିକା ମଧ୍ୟରେ ଟେଣ୍ଡର ଆବେଦନ ଦାଖଲ କରିବେ । ଉପରୋକ୍ତ ଟେଣ୍ଡର ତା. ୨୨.୦୫.୨୦୨୫ ରିଖ ଦିନ ସକାଳ ୧୧: ୩୦ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ । ପ୍ରତ୍ୟେକ ଉତ୍ସ ଗୁଡ଼ିକର ନାମ ପୌର କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ପାଇବ । ଟେଣ୍ଡର ଖୋଲାଯିବା ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର ପ୍ରାଧିକୃତବ୍ୟକ୍ତି ଉପସ୍ଥିତ ରହିପାରିବେ । ଯଦି କୌଣସି ଟେଣ୍ଡରଦାତା କିମ୍ବା ତାଙ୍କ ଦ୍ୱାରା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନଥିବେ, ତେବେ ଉପୋରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଟେଣ୍ଡର କମିଟି ଦ୍ୱାରା ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି। ନିମ୍ନରେ ଦର୍ଶା ଯାଇଥିବା ପ୍ରତ୍ୟକ ଉତ୍ସଗୁଡିକ ସମ୍ମୁଖରେ, ତଦନୁସାରେ ସାରାଂଶ କୁ ଧ୍ୟାନରେ ରଖି ଟେଣ୍ଡରଦାତା ମାନେ ଟେଣ୍ଡର ଦାଖଲ କରିବେ । ତ୍ରୁଟିପୂର୍ଣ୍ଣ ଟେଣ୍ଡର, ଅନୁଧ୍ୟାନ ପରେ କମିଟି ଦ୍ୱାରା ବିଚାରାଧିନ ଗୃହିତ କରାଯିବ ନାହିଁ । ଉତ୍ସ ଗୁଡ଼ିକର ସାରାଂଶ ତଥା ସର୍ବନିମ୍ନମୂଲ୍ୟ ପ୍ରତ୍ୟେକ ଉତ୍ସ ଅନୁସାରେ ଦୁଇ ପୃଥକ ଅନୁଭାଗ ରେ ନିମ୍ନରେ ପ୍ରଦତ୍ତ କରାଗଲା।

| ଅନୁଭାଗ—୦୧ | | ସମୟ ଅବଧି | ବାର୍ଷିକ ସର୍ବନିମ୍ନମୂଲ୍ୟ (Upset Price) ଟଙ୍କାରେ (Including GST) | ଟେଣ୍ଡରଦାତାମାନେ ତାଙ୍କର ସର୍ବୋଚ୍ଚ ମୂଲ୍ୟ (Including GST-18%) କରି ଦାଖଲ କରିବେ |
|---|---|---|---|---|
| କ୍ରମିକ . ସଂଖ୍ୟା | ଉତ୍ସଗୁଡ଼ିକରନାମ | | | |
| (୧) | ନୂଆ ବଜାର ମାଛ ଓ ପରିବା ବଜାରରୁ ବଟି ଆଦାୟ। (ଦୋକାନ ପ୍ରତି ଦୈନିକ ଟ,୧୦/- (ଦଶ) ଙ୍କା ହିସାବରେ )। (ପ୍ରତ୍ୟକ ୦୫' X ୦୫')ବର୍ଗ ଫୁଟ ସ୍ଥାନ ନିମନ୍ତେ। | ୦୧.୦୬.୨୦୨୫ ରୁ ୩୧.୦୩.୨୦୨୬ (୧୦ ମାସ) | ଟ,୧୦,୮୩,୦୯୦/-ଙ୍କା Rs.10,83,090.00 | |
| (୨) | କଟେରୀ ବଜାର, ବିଚାରଗଞ୍ଜ ଅଞ୍ଚଳ ଓ କଟେରୀ ରୋଡ ରୁ ବଟି ଆଦାୟ। (ଦୋକାନ ପ୍ରତି ଦୈନିକ ଟ,୧୦/- (ଦଶ) ଙ୍କା ହିସାବରେ )। (ପ୍ରତ୍ୟକ ୦୫' X ୦୫')ବର୍ଗ ଫୁଟ ସ୍ଥାନ ନିମନ୍ତେ। | ୦୧.୦୬.୨୦୨୫ ରୁ ୩୧.୦୩.୨୦୨୬ (୧୦ ମାସ) | ଟ, ୭,୭୨,୪୦୯/-ଙ୍କା Rs.7,72,409.00 | |
| (୩) | ମଣ୍ଡଲ ବାଜର, ଟାଉନ ଥାନା ଛକରୁ ହେମକାପଡା ଛକ, ମୋତିଗଞ୍ଜ ଠାରୁ ମିଶନ ବାଳକ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ବଟି ଆଦାୟ। (ଦୋକାନ ପ୍ରତି ଦୈନିକ ଟ,୧୦/- (ଦଶ) ଙ୍କା ହିସାବରେ )।(ପ୍ରତ୍ୟକ ୦୫' X ୦୫')ବର୍ଗ ଫୁଟ ସ୍ଥାନ ନିମନ୍ତେ। | ୦୧.୦୬.୨୦୨୫ ରୁ ୩୧.୦୩.୨୦୨୬ (୧୦ ମାସ) | ଟ, ୮,୫୪,୧୯୬/-ଙ୍କା Rs.8,54,196.00 | |
| (୪) | ଫକିର ମୋହନ ଗୋଲେଇ ଠାରୁ ଲକ୍ଷ୍ମୀ ନାରାୟଣ ମନ୍ଦିର ପର୍ଯ୍ୟନ୍ତ, ବସ ଷ୍ଟାଣ୍ଡ ଠାରୁ ସୂରଜ ହୋଟେଲ ପର୍ଯ୍ୟନ୍ତ, ଆନନ୍ଦ ବଜାର ଠାରୁ ଲୁଣିଆଯୋଡି ପୋଲ ପର୍ଯ୍ୟନ୍ତ ବଜାରରୁ ବଟି ଆଦାୟ। ( ଦୋକାନ ପ୍ରତି ଦୈନିକ ଟ,୧୦/- (ଦଶ) ଙ୍କା ହିସାବରେ )। (ପ୍ରତ୍ୟକ ୦୫' X ୦୫')ବର୍ଗ ଫୁଟ ସ୍ଥାନ ନିମନ୍ତେ। | ୦୧.୦୬.୨୦୨୫ ରୁ ୩୧.୦୩.୨୦୨୬ (୧୦ ମାସ) | ଟ,୫,୮୭,୧୫୮/-ଙ୍କା Rs.5,87,158.00 | |
| (୫) | କିଲ୍ଲା ପୋଖରୀ ରାସ୍ତାରେ ଅବସ୍ଥିତ ଚିଲଖାନା । | ୦୧.୦୬.୨୦୨୫ ରୁ ୩୧.୦୩.୨୦୨୬ (୧୦ ମାସ) | ଟ,୧୫,୮୮୦/-ଙ୍କା Rs.15,880.00 | |
| (୬) | Collection of parking fees as per the mentioned area (1-Nua Bazar to Khadim Showroom Chidiapolo, 2-Khadim Showroom to Old Stadium, 3-North Hostel Road, Tarini Petrol Pump, Makalpur Pump House, Mathasahi, 4-Mathasahi to Tarini Mandir Chhak, I T I Chhak, Tamulia Gate to the end of Municipality Boundary(ସୀମା) -Zone No-I (Western Side) | ୦୧.୦୬.୨୦୨୫ ରୁ ୩୧.୦୩.୨୦୨୬ (୧୦ ମାସ) | ଟ,୮,୫୫,୫୫୮/-ଙ୍କା Rs.8,55,558.00 | |

Continued to Page No:-02:-

| କ୍ରମିକ . ସଂଖ୍ୟା | ଉତ୍ସଗୁଡ଼ିକରନାମ | ସମୟ ଅବଧି | ବାର୍ଷିକ ସର୍ବନିମ୍ନମୂଲ୍ୟ (Upset Price) ଟଙ୍କାରେ (Including GST) | ଟେଣ୍ଡରଦାତାମାନେ ତାଙ୍କର ସର୍ବୋଚ୍ଚ ମୂଲ୍ୟ (Including GST-18%) କରି ଦାଖଲ କରିବେ |
|---|---|---|---|---|
| (୭) | Collection of parking fees as per the mentioned area (1-Hero Honda Showroom to Town Thana Chhak, 2-Town Than Chhak to Municipality Office Chhak, Bankakhejur Chhak, Kadrabad Mohadev Mandir Chhak, Hemkapada Chhak to Patrapada Petrol Pump, 3-Motiganj to Proof Road, Gadagadia Chhak, Mandal Bazar to Balighat Chhak, 4-Golapokhari to Cinema Chhak, Mirzapokhari Chhak to Kiagohiri Chhak, 5-Ragunath Press to Town Hall towards end of Municipality Boundary (ସୀମା) -Zone No-II (Eastern Side) | ୦୧.୦୬.୨୦୨୫ ରୁ ୩୧.୦୩.୨୦୨୬ (୧୦ ମାସ) | ଟ,୧୦,୬୯,୭୫୦/-ଙ୍କା Rs.10,69,750.00 | |

ନିମ୍ନରେ ଦର୍ଶଯାଇଥିବା ଯାନ ଅନୁଯାୟୀ ପାର୍କିଂ ରେଟ, ସାଫଲ୍ୟ ଅର୍ଜନ କରିଥିବା ସଂସ୍ଥା ଆଦାୟ ସମୟରେ ଅନୁସରଣ କରିବେ ।

| କ୍ରମିକ ସଂଖ୍ୟା | ଯାନର ପ୍ରକାର | ପାର୍କିଂ ରେଟ |
|---|---|---|
| ୦୧ | ୦୩ ଚକିଆ ଯାନ | ଟ.୩୦.୦୦ଙ୍କା |
| ୦୨ | ୦୪ ଚକିଆ ଯାନ | ଟ.୪୦.୦୦ଙ୍କା |
| ୦୩ | ପିକପ ଯାନ | ଟ.୬୦.୦୦ଙ୍କା |
| ୦୪ | ୦୪ ଚକିଆ ଟ୍ରକ | ଟ.୮୦.୦୦ଙ୍କା |
| ୦୫ | ୦୬ ଚକିଆ ଯାନ | ଟ.୧୫୦.୦୦ଙ୍କା |
| ୦୬ | ୧୦ ଚକିଆ ଯାନ | ଟ.୧୮୦.୦୦ଙ୍କା |
| ୦୭ | ୧୨ ଚକିଆ ଯାନ | ଟ.୨୨୦.୦୦ଙ୍କା |
| ୦୮ | ୧୪ ଚକିଆ ଯାନ | ଟ.୩୦୦.୦୦ଙ୍କା |
| ୦୯ | ୧୬ ଚକିଆ ଯାନ | ଟ.୩୫୦.୦୦ଙ୍କା |
| ୧୦ | ୧୬ ଚକିଆ ଯାନରୁ ଅଧିକ | ଟ.୪୦୦.୦୦ଙ୍କା |

## ସର୍ତ୍ତାବଳୀ (ବଜାରରୁ ବଟି ଆଦାୟ/ ପାର୍କିଂ ଫୀ ଆଦାୟ / ଚିଲଖାନା ନିମନ୍ତେ)

### CERTAIN TERMS & CONDITIONS WITH REQUIRED DOCUMENTS TO BE SUBMITTED BY THE AUCTIONER/TENDERERS

୧- ପ୍ରତ୍ୟେକ ଉତ୍ସ ପାଇଁ ଟ,୫୦୦/- ଙ୍କା ଜମା କରି ଆବେଦନ କରିବାକୁ ଚାହୁଁଥିବାବ୍ୟକ୍ତି ପୌରପାଳିକାରୁ ନିର୍ଦ୍ଧାରିତ ଦିନ ମଧ୍ୟରେ ଫର୍ମ କ୍ରୟ କରି ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ଆବେଦନ କରିପାରିବେ ।

୨- ଉପରୋକ୍ତ ଉତ୍ସ ଗୁଡ଼ିକର ଆଗାମୀ ସମୟ ସୀମା ନିମନ୍ତେ ପଟ୍ଟାଧାରୀ ପାଇଁ ଇଚ୍ଛୁକ ଟେଣ୍ଡରଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଯାହାକି (Including GST) ଆକାରରେ ଲିପିବଦ୍ଧ କରି ସମ ପରିମାଣରେ ଜମା ଏକକାଳୀନ ଭାବେ ନିର୍ଦ୍ଧାରିତ ସମୟ ପାଇଁ ବ୍ୟାଙ୍କ ଡ୍ରାଫ୍ଟ (Executive Officer, Balasore Municipality ନାମରେ ନାମିତ ହେବ) ମାଧ୍ୟମରେ ଟେଣ୍ଡର କାଗଜ ଆଦି ସହ ଦାଖଲ କରିବା ହେବେ । ନଚେତ ତାଙ୍କର ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ ।

Continued to Page No:-03:-

୩- ପୌରପାଳିକାର ପୂର୍ବରୁ ପଟ୍ଟାଧାରୀ ନେଇଥିବା ବ୍ୟକ୍ତି /ସଂସ୍ଥା ଯଦି ପୂର୍ବ ନିଲାମର ରାଶି ପଇଠ କରିଥିବାର ଅବହେଳା କରିଥିବେ ତେବେ ସେହି ବ୍ୟକ୍ତି /ସଂସ୍ଥା ଉକ୍ତ ନିଲାମରେ ଭାଗ ନେଇପାରିବେ ନାହିଁ ।

୪- ଆଗ୍ରହୀ ଟେଣ୍ଡରଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ କାଗଜାତ ଓ ସମପରିମାଣର ଜମା ଏକକାଳୀନ ଭାବେ ବ୍ୟାଙ୍କ ଡ୍ରାଫ୍ଟ ସହ ପୌରପାଳିକାରେ ଥିବା ଟେଣ୍ଡର ବାକ୍ସରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପହଞ୍ଚାଇବା ହେବେ । ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ ।

୫- ଟେଣ୍ଡର ଲଫାପା ଉପରେ ଟେଣ୍ଡରଦାତା ମାନେ ଯେଉଁ ଉତ୍ସ ପାଇଁ ଆବେଦନ କରିଥିବେ ତାହା ଉଲ୍ଲେଖ କରିବା ହେବେ । ପ୍ରତ୍ୟେକ ଉତ୍ସ ପାଇଁ ପୃଥକ କାଗଜାତ ଓ ଲଫାପା ବ୍ୟବହାର କରିବା ହେବେ । ନଚେତ ଦରଖାସ୍ତ ଖାରଜ କରାଯିବ ।

୬- ଅସଫଳ ଟେଣ୍ଡରଦାତା ମାନଙ୍କ ଦ୍ଵାରା ପ୍ରଦତ୍ତ ବ୍ୟାଙ୍କ ଡ୍ରାଫ୍ଟ ପୌର ପାଣ୍ଠିରେ ଜମା ପୂର୍ବକ ସମପରିମାଣରେ ଅର୍ଥ ଜମାକାରୀଙ୍କୁ ଚେକ/RTGS ମାଧ୍ୟମରେ ଫେରସ୍ତ କରାଯିବ ଅଥବା କର୍ତ୍ତୃପକ୍ଷଙ୍କ ଆଦେଶନୁସାରେ ପଦକ୍ଷେପ ଗ୍ରହଣ କରିବା ହେବ । ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି /ସଂସ୍ଥା କୁ ଆଗାମୀ ୨୦୨୫-୨୦୨୬ ଆର୍ଥିକ ବର୍ଷ ନିମନ୍ତେ ପାଇଁ ପଟ୍ଟାଧାରୀ ଦିଆଯିବାକୁ ବିଚାର କରାଯାଇପାରେ ।

୭- ସର୍ବୋଚ୍ଚ ଟେଣ୍ଡରଦାତା ପଟ୍ଟାଧାରୀ ପାଇବାର ଭାରତ ସରକାର କିମ୍ବା ଓଡ଼ିଶା ସରକାରଙ୍କ ଦ୍ଵାରା ପ୍ରଣୋଦିତ ନିୟମାବଳୀକୁ ସମୁଚିତ ଭାବରେ ପାଳନ କରିବା ହେବେ । ଯଦି ପୌର କର୍ତ୍ତୃପକ୍ଷଙ୍କ ଦ୍ଵାରା ଉକ୍ତ ପଟ୍ଟାଧାରୀ ଉତ୍ସର ଆବଶ୍ୟକତା ଉପଲବ୍ଧ ହୁଏ ସର୍ବୋଚ୍ଚ ନିଲାମଧାରୀ ଙ୍କ ଦ୍ଵାରା ପ୍ରଦତ୍ତ ଅର୍ଥ ରାଶିକୁ ବିନା ସୁଧରେ ଫେରସ୍ତ କରାଯାଇ ଉତ୍ସଟିକୁ ପୌରପାଳିକା କର୍ତ୍ତୃତ୍ଵାଧୀନ କରାଯିବ ।

୮- କୌଣସି ପରିସ୍ଥିତିରେ ସର୍ବୋଚ୍ଚ ନିଲାମ ଟେଣ୍ଡର ପୌରପାଳିକା ତରଫରୁ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମୂଲ୍ୟ ଠାରୁ କମ ଗ୍ରହଣ ଯୋଗ୍ୟ ହେବ ନାହିଁ।

୯-ସର୍ବୋଚ୍ଚ ଟେଣ୍ଡର ମୂଲ୍ୟ କୁ ଗ୍ରହଣ କରିବା ପାଇଁ ପୌର କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି । କୌଣସି କାରଣ ନ ଦର୍ଶାଇ ଯେ କୌଣସି ଟେଣ୍ଡର କିମ୍ବା ସମସ୍ତ ଟେଣ୍ଡର କୁ ରଦ୍ଦ କରିବାର କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ଠାରେ ରଖାଯାଇଛି । ଏଥିନିମନ୍ତେ କୌଣସି କୈଫିୟତ ପ୍ରଦାନ କରିବାପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୧୦. ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି ଆବେଦନ ଫର୍ମ କ୍ରୟ କରିବା ସମୟରେ ସେମାନେ ସେମାନଙ୍କର ଚଳିତ ବର୍ଷର ଗୃହ ଟିକସ ରସିଦ ପଇଠ କରିବା ବାଧ୍ୟ ହେବେ ।

୧୧. ଟେଣ୍ଡର ଦାତା ମାନେ ସେମାଙ୍କର ଆବେଦନ ଲଫଫା (Envelope) ରେ ତାଙ୍କର ସର୍ବୋଚ୍ଚ ମୂଲ୍ୟ ଆବେଦନ ଫର୍ମ ସହିତ ଆବେଦନ କରିଥିବା ମୂଲ୍ୟର ବ୍ୟାଙ୍କ ଡ୍ରାଫ୍ଟ (In the name of Executive Officer, Balasore Municipality), ଆଧାର, ଗୃହ ଟିକସ ପଇଠ ରସିଦ, ପାନ କାର୍ଡ (ଯଦି ଥାଏ), ଏବଂ ପଞ୍ଜୀକୃତ ସାର୍ଟିଫିକେଟ( In case of ALF & other Regd. firm) ସହିତ ଆବେଦନ କରିବା ହେବେ ।

୧୨.ବଟି ଆଦାୟ ପାଇଁ ସାଫଲ୍ୟ ଅର୍ଜନ କରିଥିବା ବ୍ୟକ୍ତି/ସଂସ୍ଥା ନିର୍ଦ୍ଦିଷ୍ଟ ବଜାରର ସଙ୍କୁଚିତ ଏରିଆ ର ରାସ୍ତା ପାର୍ଶ୍ଵରେ ଉଠା ଦୋକାନି ମାନଙ୍କ ଠାରୁ ପୌର ପରିଷଦ ଦ୍ଵାରା ନିର୍ଧାରିତ ବଟି ମୂଲ୍ୟ ରୁ ଅଧିକ ମୂଲ୍ୟ ଆଦାୟ କରିପାରିବେ ନାହିଁ। ସେହିପରି ପାର୍କିଂ ଫୀ ରେ ପଟ୍ଟାଦାର ହାସଲ କରି ସାଫଲ୍ୟ ଅର୍ଜନ କରିଥିବା ବ୍ୟକ୍ତି/ସଂସ୍ଥା ପୌର ପରିଷଦ ଦ୍ଵାରା zone ଅନୁଯାଇ ଚିହ୍ନଟ ହୋଇଥିବା ଏରିଆ ରେ ନାନା ପ୍ରକାର ଯାନ ପାଇଁ ନିର୍ଧାରିତ ମୂଲ୍ୟ ରୁ ଅଧିକ ମୂଲ୍ୟ ଆଦାୟ କରିପାରିବେ ନାହିଁ। ଉପର ବର୍ଣ୍ଣିତ ସର୍ତ୍ତାବଳୀ ଉଲଙ୍ଘନ ହେଲେ, ଉଲଙ୍ଘନ କରିଥିବା ନିର୍ଦ୍ଦିଷ୍ଟ ବ୍ୟକ୍ତି/ସଂସ୍ଥା ର ପଟ୍ଟାଦାରି ବାତିଲ କରିବା ପାଇଁ ପୌର କର୍ତ୍ତୃପକ୍ଷ ବାଧ୍ୟ ହେବେ ଏବଂ ତାଙ୍କର ଜମା କରିଥିବା ରାଶି ବାଜ୍ୟାପ୍ତ କରାଯିବ।

୧୩-ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି ଆବେଦନ କାଗଜାତ ସହିତ ଯେ କୌଣସି ପୌର ସଂସ୍ଥା (ULB)ରେ ଯେ କୌଣସି ଉତ୍ସଗୁଡ଼ିକ ନିଲାମ ପ୍ରକ୍ରିୟାରେ ଭାଗ ନେଇ ଉତ୍ତିର୍ଣ୍ଣ ହୋଇ କାର୍ଯ୍ୟ ସମାପନ କରିଥିବାର ପ୍ରମାଣ/ଜ୍ଞାତ ପତ୍ର (Experience Certificate OR Work Order of any year) ଆବେଦନ କାଗଜାତ ସହିତ ଜମା ଦେବେ।

୧୪-(ବିଶେଷ ଆକର୍ଷଣ:- ଯେଉଁ ସାଫଲ୍ୟ ଅର୍ଜନ କରିଥିବା ପଟ୍ଟାଧାରୀ ପରବର୍ତ୍ତୀ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷ ୨୦୨୬-୨୦୨୭(୧୨ ମାସ) ପାଇଁ ପଟ୍ଟାଧାରୀ ହେବାକୁ ଇଚ୍ଛା ପ୍ରକାଶ କରିବେ, ସେମାନେ ଉକ୍ତ ବର୍ଷରେ ବାଲେଶ୍ଵର ପୌରପାଳିକା ରୁ ସେହି ନିର୍ଦ୍ଦିଷ୍ଟ ବର୍ଷରେ କୌଣସି ସରକାରୀ ପତ୍ର ପାଇବା ଆଧାରରେ, ଆବେଦନ କରିଥିବାର ସର୍ବଚ୍ଚ ମୂଲ୍ୟର ସମ୍ପୂର୍ଣ୍ଣ ବର୍ଷର ୧୦% ଶତକଡ଼ା ବର୍ଦ୍ଧିତ ଆକାରରେ ଆବେଦନ କରି ପଟ୍ଟାଧାରୀ ହେଇପାରିବେ । ମାତ୍ର ଏହି ପ୍ରକ୍ରିୟା ଅବଲମ୍ବନ କରିବାରେ କୌଣସି ବାଧା ସଂଘାଟ ହେଲେ ପୌର କର୍ତ୍ତୃପକ୍ଷ ଉକ୍ତ ପ୍ରକ୍ରିୟାକୁ ରଦ୍ଦ କରି ନୂତନ ନିଲାମ ଡକରା ଦେଇପାରିବେ।

୧୫-ଆବେଦନକାରି ମାନେ (Annexure-I) ଫର୍ମ ଟି ପୂରଣ କରି ଆବେଦନ କାଗଜାତ ସହିତ ଦାଖଲ କରିବା ଅନିବାର୍ଯ୍ୟ ଅଟେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ଵର ପୌରପାଳିକା

Continued to Page No:-04:-

**ANNEXURE-I TO BE FILLED BY THE APPLICANTS IN MANDATE:-**

1- Name of the applicant:-

2- Detail residential Address:-

3- Quoted amount including GST:-

4- APPLICATION FORM WITH PROPERLY FILLED:-

5- PHOTO COPY OF MR:-

6- PHOTO COPY OF PAN & AADHAR (IF AVAILABLE):-

6- PHOTO COPY OF AADHAR:-

7- PHOTO COPY OF UPDATE HOLDING TAX RECEIPT:-

8- REGISTRATION CERTIFICATE (IN CASE OF ALF/REGD.AGENCY/ORGANIZATION):-

9- WORK ORDER/EXPERIENCE CERTIFICATE FOR ANY YEAR AVAILED FROM ANY ULB:-

10- IF ANY AMOUNT REMAINS PENDING WITH THE APPLICANT AGAINST THE PREVIOUS SAIRAT (IF YES GIVE DETAILS):-

11- IF YES FURNISH THE AMOUNT:-

Signature of the applicant

Continued to Page No:-05:-



ପରିପତ୍ର ସଂଖ୍ୟା: 10158 /          ତା: 14/5/2025ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ /ଉପ – ଜିଲ୍ଲାପାଳ,ବାଲେଶ୍ୱର/ ତହସିଲଦାର,ବାଲେଶ୍ୱର/ ସବ- ରେଜିଷ୍ଟ୍ରାର,ବାଲେଶ୍ୱର /ନିର୍ବାହୀ ଯନ୍ତ୍ରୀ,ପୂର୍ତ୍ତ ବିଭାଗ,ବାଲେଶ୍ୱର / ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ /ବ୍ଲକ ଉନ୍ନୟନ ଅଧିକାରୀ,ସଦର,ବାଲେଶ୍ୱର/ଆଞ୍ଚଳିକ ପରିବହନ ଅଧିକାରୀ ,ବାଲେଶ୍ୱର/ଜିଲ୍ଲା ନିୟୋଜିତ ଅଧିକାରୀ,ବାଲେଶ୍ୱର/ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,ବାଲେଶ୍ୱର /ଆରକ୍ଷୀ ଅଧିକ୍ଷକ,ବାଲେଶ୍ୱର ଙ୍କ ବିହୀତ ଅବଗତି ନିମନ୍ତେ ଜଣାଇ ଦିଆଯାଇ ଅନୁରୋଧ କରାଗଲା ଯେ ସେମାନେ ଉକ୍ତ ବିଜ୍ଞାପନ କୁ ନୋଟିସ ବୋର୍ଡ ରେ ପ୍ରଦର୍ଶନ କରାଇବା ହେବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା

ପରିପତ୍ର ସଂଖ୍ୟା: 10159 /          ତା: 14/5/2025ରିଖ

ଏହାର ଏକକିତା ନକଲ Counter Collection-In-Charge ର ଅବଗତି ନିମନ୍ତେ ପ୍ରେରଣ କରାଯାଇ, ଉପଯୁକ୍ତ କାର୍ଯ୍ୟ ସମାପନ ପାଇଁ ନିର୍ଦ୍ଦେଶ ଦିଆଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା